## ମା’ ବିଶେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୀଣାଝରି ଚାମ୍ପିଅନ



ତୁରୁମୁଙ୍ଗା, ୨୬।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ସ୍କୁଲ ପଡ଼ିଆରେ ୧୮ ଦିନ ଧରି ଚାଲିଥିବା ମା’ ବିଶେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ ମା ତାରିଣୀ ଏକ୍ସ ଆଇ ବୀଣାଝରୀ ସହ ରାଇଜିଙ୍ଗ ଷ୍ଟାର ତୁରୁମୁଙ୍ଗା ମଧ୍ୟରେ ରୋମାଞ୍ଚକର ମ୍ୟାଚ ହୋଇଥିଲା । ଉଭୟ ଦଳର ସମାନ ସ୍କୋର ହେବାରୁ ସୁପରଓଭର ଖେଳ ହୋଇଥିଲା । ପ୍ରଥମେ ବୀଣାଝରି ବ୍ୟାଟିଂ କରି ୧୨ ରନ କରିଥିବା ବେଳେ ତୁରୁମୁଙ୍ଗା ୭ ରନ କରିବାରେ ସକ୍ଷମ ହୋଇଥିଲା । ଫଳରେ ତୁରୁମୁଙ୍ଗାକୁ ହରାଇ ବିଣାଝରୀ ଚାମ୍ପିଅନ ହୋଇଥିଲା । ଚାମ୍ପିଅନ ଦଳକୁ ୨୧ ହଜାର ଏବଂ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ରାଶି ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ସମାଜସେବୀ ପ୍ରଭାତ ସାହୁ, ଅନିଲ ସାହୁ, ବଳଭଦ୍ର ନାଏକ, ଅଯୋଧ୍ୟା ପୃଷ୍ଟି ଯୋଗଦେଇଥିଲେ । ଫାଇନାଲ୍ ଖେଳକୁ ଅମ୍ପାୟାର ସୁନିଲ ଦେହୁରୀ ଓ ଭରତଚନ୍ଦ୍ର ଦେହୁରୀ ପରିଚାଳନା କରିଥିବାବେଳେ ବେଳେ ଭାଷ୍ୟକାର ଅରୁଣ ମହାନ୍ତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଫକୀରପୁର ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ



ଆନନ୍ଦପୁର, ୨୬।୨ (ସମିସ): ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ୧୧ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ବାବାଜୀ ଚରଣ ବେହେରା (୮୧) ଙ୍କ ଦେହାନ୍ତ ହୋଇଯାଇଛି । ଗତ ବୁଧବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ । ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି । ସେ ଫକୀରପୁର ସେବା ସମିତିର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ ଶାନ୍ତନୁ ସେଠୀ କାଉନସିଲର ସନତ କର ସୁରେନ୍ଦ୍ର ଦାସ ସୁଜିତ ସାହୁ ନଣ୍ଡା ମଲିକ ଶ୍ରୀଧର ମଲିକ ଅତୁଲ ବେହେରା ନାରଣ ବାରିକ ସୁମତି ଜେନା ଚକରା ରାଉଳ ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଜିତେନ୍ଦ୍ର ବେହେରା ବୋହୂ ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ବଡ଼ ପୁଅ ଜିତେନ୍ଦ୍ର ବେହେରା ମୁଖାଗ୍ନି ଦେଇଥିଲେ ।

## ଆହତ ଯୁବତୀଙ୍କୁ ଉଦ୍ଧାର ଦାବି

ଆନନ୍ଦପୁର, ୨୬।୨ (ସମିସ): ପ୍ରାୟ ମାସେ ହେବ ଆନନ୍ଦପୁର ଫକୀରମୋହନ ବସଷ୍ଟାଣ୍ଡ ନିକଟରେ ବୁଲାବୁଲି କରୁଥିବା ଜଣେ ଯୁବତୀ କୌଣସି କାରଣରୁ ମୁଣ୍ଡ ଏବଂ ହାତରେ ଗଭୀର ଆଘାତପ୍ରାପ୍ତ ହୋଇଥିବା ଦେଖାଯାଇଛି । ସେ ହାଟଡିହି ବ୍ଲକ ଢେଙ୍କା ଗ୍ରାମର ବୋଲି ଜଣାପଡ଼ିଛି । ପିତାଙ୍କ ନାମ ପ୍ରକାଶ ପାଇଁ କୁଣ୍ଠାବୋଧ କରିଥିବା ବେଳେ, ନିଜର ନାମ ପୁଷ୍ପାଞ୍ଜଳି ମହାନ୍ତି(ପୂଜା) ଏବଂ ତାଙ୍କର ତିନି ଭଉଣୀ ଓ ଗୋଟିଏ ଭାଇ ରହିଥିବା ପ୍ରକାଶ କରିଥିଲେ । ଆଲୋଚନାରୁ ଯୁବତୀଙ୍କର ସାମାନ୍ୟ ମାନସିକ ବିକୃତି ରହିଥିବା ଏବଂ ଉପଯୁକ୍ତ ଚିକିତ୍ସା କରାଗଲେ ହୁଏତ ମାନସିକ ବିକୃତିରେ ସୁଧାର ଆସିପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରନ୍ତି । ଉପଖଣ୍ଡ ପ୍ରଶାସନ ପକ୍ଷରୁ ଚିକିତ୍ସା କ୍ଷେତ୍ରରେ କୌଣସି ସହାୟତା ପ୍ରଦାନ କରାଗଲେ, ହୁଏତ ଯୁବତୀ ଜଣକ ପୂର୍ବ ଅବସ୍ଥାକୁ ଫେରି ପାରନ୍ତା ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି ।

## ବାଲିବରୁଆଁରେ ଚୋରା ମଦ କାରବାର

ଆନନ୍ଦପୁର,୨୬।୨(ସମିସ): ରାମଚନ୍ଦ୍ରପୁର ଥାନାଞ୍ଚଳରେ ଖୁଲମଖୁଲା ଚାଲିଛି ଚୋରା ମଦ କାରବାର । ଗଳିକନ୍ଦିରେ ମଦ ବିକ୍ରି ହେଉଛି ଏବଂ ଏହା ଉପରେ ଅଙ୍କୁଶ ଲଗାଯାଇ ପାରୁନାହିଁ । ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର ଅପାରଗତା କାରଣରୁ ଚୋରା ମଦ ବେପାର ବଢ଼ିବାରେ ଲାଗିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ସାଳଦେଇ ପଞ୍ଚାୟତର ବାଲିବରୁଆଁ ଗାଁରେ ଥିବା ପାନ ଦୋକାନଠୁ ଆରମ୍ଭ କରି କିଛି ବ୍ୟକ୍ତି ସେମାନଙ୍କ ଘରେ ଚୋରା ଦେଶୀ ମଦ ଓ ବିଦେଶୀ ମଦ ବିକ୍ରି କରୁଛନ୍ତି । ସେହିପରି ଦେଶୀ ମଦ ଭାଟି ଓ ବିଦେଶୀ ମଦ ଦୋକାନଗୁଡ଼ିକରେ ବ୍ୟବସାୟ ବୃଦ୍ଧି କରିବା ପାଇଁ ବାଇକ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ମଦ ଯୋଗାଇ ଦିଆଯାଉଛି । ଚୋରା ମଦ ପିଇ ରାସ୍ତାରେ ବେହୋସ୍ ହୋଇପଡ଼ିବା ସହ ବିଭିନ୍ନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ଗ୍ରାମର ଛକବଜାରରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ବେଳେ ଛୋଟ ଛୋଟ ଛୁଆଙ୍କ ଉପରେ ସିଧା ସଳଖ ପ୍ରଭାବ ପକଉଛି । ରାସ୍ତାରେ କାଚବୋତଲ ଭାଙ୍ଗିବା କାରଣରୁ ଯାତ୍ରୀ ଅସୁବିଧାରେ ପଡୁଛନ୍ତି । ଖେଳପଡ଼ିଆ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ପିଇବା ପାଣି ନପାଇବାରୁ କର୍ମଚାରୀଙ୍କୁ ଅଟକ

ତୁରୁମୁଙ୍ଗା, ୨୬।୨(ସମିସ): କେନ୍ଦୁଝର ଜିଲା ପାଟଣା ଥାନା ଧାନବେଣୀ ଗ୍ରାମର ୭ଶହରୁ ଉର୍ଦ୍ଧ୍ୱ ଲୋକ ମେଗା ପାନୀୟଜଳ ପ୍ରକଳ୍ପରୁ ପାଣି ପାଉ ନଥିବାରୁ ଅସନ୍ତୋଷ ପ୍ରକାଶ କରି ଗୁରୁବାର ଅପରାହ୍ନରେ ୨୫ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଅପରେଟର ସୁଜିତ ବେହେରାଙ୍କୁ ଅଟକ ରଖିଥିଲେ । ଘଟଣାସ୍ଥଳରେ କପୁଣ୍ଡି ସରପଞ୍ଚ ଅନିତା କୁସୁମୁଳିଆ ଓ ଜଳଯୋଗାଣ ସଂସ୍ଥା ଯନ୍ତ୍ରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅପରେଟର ମୁକ୍ତ ହୋଇଥିଲେ । ଗ୍ରାମବାସୀଙ୍କୁ ପାଇଁ ୭୦ରୁ ୮୦ ଟେପ୍ ସଂଯୋଗ ହୋଇଛି । ୧୫ ଦିନରେ ଥରେ ପାଣି ଆସୁଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇଥିଲେ । ପାଣି ସମସ୍ୟାର ସମାଧାନ ନହେଲେ ଲୋକେ ସାହାରପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି । ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ କପୁଣ୍ଡି ଗ୍ରାମର କିଛି ଲୋକ ପିଇବା ପାଣିକୁ ଚାଷ ପାଇଁ ବ୍ୟବହାର କରୁଥିବାରୁ ଏହି ସମସ୍ୟା ହେଉଛି ।

## ଓଲଟିଲା ଟାଟା ମ୍ୟାଜିକ୍

ରାଇରଙ୍ଗପୁର/ଶୁକ୍ଳଳ, ୨୬।୨(ସମିସ): ଶୁକ୍ଳି ଅଞ୍ଚଳର ଡାହାଣୀଗଡ଼ିଆଠାରେ ଏକ ଟାଟା ମ୍ୟାଜିକ ଗାଡି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଛି । ଗୁରୁବାର ଅପରାହ୍ନ ସମୟରେ ଉକ୍ତ ଗାଡିଟି ଦ୍ରୁତଗତିରେ ଗାଁ ରାସ୍ତା ଦେଇ ଆସୁଥିଲା । ରାସ୍ତା କଡରେ ଘର ଥିବାବେଳେ ଅଳ୍ପକେ ଲୋକେ ବର୍ତ୍ତିଯାଇଛନ୍ତି । ଗାଡିରେ ଥିବା ଲୋକେ ଆହତ ହୋଇଛନ୍ତି ।



### ଆଦିବାସୀ ଧର୍ମକୋଡ ପୁନଃସ୍ଥାପନ ଦାବି

# ଦିଲ୍ଲୀ ଯନ୍ତରମନ୍ତରରେ ଗଣଧାରଣା

ରାଇରଙ୍ଗପୁର, ୨୬।୨ (ସମିସ):

ଆଦିବାସୀ ଧର୍ମକୋଡ ପୁନଃସ୍ଥାପନ ଦାବିରେ ନୂଆଦିଲ୍ଲୀସ୍ଥ ଯନ୍ତରମନ୍ତରରେ ରାଷ୍ଟ୍ରୀୟ ଆଦିବାସୀ ସମନ୍ୱୟ ସମିତି ପକ୍ଷରୁ ଗଣଧାରଣା ଦିଆଯାଇଛି । ଉକ୍ତ ଧାରଣାରେ ଓଡିଶା ସମେତ ଅନ୍ୟ ରାଜ୍ୟର ସଂଗଠକ ଓ କର୍ମକର୍ତ୍ତାଙ୍କୁ ମିଶାଇ ୫୦୦ରୁ ଅଧିକ ଧାରଣା ପ୍ରଦର୍ଶନ କରିଥିଲେ । ପୂର୍ବରୁ ଆଦିବାସୀଙ୍କ ସ୍ୱତନ୍ତ୍ର ଧର୍ମ କୋଡ଼ ରହିଥିବାବେଳେ ୨୦୧୧ ଜନଗଣନା ବେଳକୁ ଏହାକୁ ଉଚ୍ଛେଦ କରି ଦିଆଯାଇଥିଲା । ଆଦିବାସୀ ମାନଙ୍କ ନିଜସ୍ୱ ଧର୍ମକୋଡ଼ ନ ଥିବାରୁ ଅନ୍ୟ ବିଦେଶୀ ଧର୍ମ ଗୁଡିକରେ ଧର୍ମାନ୍ତରିକରଣ କରାଯାଉଛି । ଯାହାଫଳରେ ଆଦିବାସୀ ଭାଷା, ଧର୍ମ, ସଂସ୍କୃତି ଓ ପରମ୍ପରା ଲୋପ ହେଉଛି । ଭାରତରେ ପ୍ରାୟ ଏକ ହଜାର ପ୍ରକାର ଆଦିବାସୀ ବା ଜନଜାତି ସମ୍ପ୍ରଦାୟ ଅଛନ୍ତି । ସମସ୍ତଙ୍କ ଧାର୍ମିକ ଆସ୍ଥା, ବିଶେଷତା,




କ୍ରିୟାକଳାପ ଓ କର୍ମକାଣ୍ଡ ଅଲଗା ଅଲଗା ଅଟେ । ଆଦିବାସୀ ସମୁଦାୟ ସ୍ଥିରତା, ଏକତା ଓ ଅଖଣ୍ଡତା ପାଇଁ ବାଧକ ହେବା ସହ ସଫଳତାର ଲକ୍ଷ୍ୟକୁ ପହଞ୍ଚାଇବାରେ ସମସ୍ତ ଆଦିବାସୀଙ୍କ ସହଯୋଗ ରହିବା ଏକାନ୍ତ ଜରୁରୀ ଅଟେ । ଓଡ଼ିଶାର ହୋ, ମୁଣ୍ଡା, କୋଲ, କୋହ୍ଲ ଜନଜାତି ମଧ୍ୟ ଆଦିବାସୀ ଧର୍ମ କୋଡ଼ର ସହମତି ଦେଇଛନ୍ତି । ଆସନ୍ତା ଜନଗଣନାରେ ନିଜସ୍ୱ ମାତୃଭାଷା ହୋ, ଜାତି (ନିଜ ପଟ୍ଟା ଅନୁସାରେ) ଲେଖିବେ । ଦୀର୍ଘ ବର୍ଷ ଧରି ହୋ ଭାଷା ଅତଗୁରୁ କୋଲ ଲାକୋ ବୋଦ୍ରାଙ୍କ ଆବିଷ୍କୃତ ପ୍ରାଚୀନ ଲିପି ୱାରାଂଚିତିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ଆନ୍ଦୋଳନ ପ୍ରୟାସ ଚାଲୁ ରହିଛି । କିନ୍ତୁ କେନ୍ଦ୍ର ସରକାର ହୋ ଭାଷାକୁ ସମ୍ବିଧାନରେ ସାମିଲ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହା ହୋ ଭାଷାଭାଷୀ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ କ୍ଷୋଭର ବିଷୟ ଅଟେ । ଆଗକୁ ହୋ ଭାଷା ୱାରାଂଚିତି ଲିପି ଏବଂ ଆଦିବାସୀ ଧର୍ମ କୋଡ଼ ଆନ୍ଦୋଳନ ଆଗକୁ ନିରନ୍ତର ଚାଲୁ ରହିବ । ଉକ୍ତ ଧାରଣାରେ ଦେଓ କୁମାର ଧାନ, ପ୍ରେମଶାହି ମୁଣ୍ଡା, ଡ ନିର୍ମଳ ମୁର୍ମୁ, ବିଶ୍ୱନାଥ ୱାଙ୍କଡ଼େ, ମେଘଲାଲ ମୁଣ୍ଡା, ବବି ପଙ୍କଜ ସିର୍କା, ଡ ଜିତେନ୍ଦ୍ର ମିନା, ଡ ହୀରା ମିନା, ସୁନା ବାଲମୁଚୁ ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ ।

### ■ ପୁଣି ସରକାରୀ ଜମିକୁ ମିଛ ପଟ୍ଟା ଦେଖାଇ ବିକିଲେ ମାଫିଆ

## ଥାନାରେ ଅଭିଯୋଗ ପରେ ତଦନ୍ତ ଜାରି

ରାଇରଙ୍ଗପୁର,୨୬।୨(ସମିସ): ରାଇରଙ୍ଗପୁର ସହର ବର୍ତ୍ତମାନ ପରିବ୍ୟାପ୍ତ ହେବାରେ ଲାଗିଥିବାବେଳେ ଜମି କ୍ରୟ କରି ଘର କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ଲୋକେ । ଏହାର ସୁଯୋଗ ନେଇ ଠକେଇ କରିବା ନିମନ୍ତେ ରାଇରଙ୍ଗପୁର ସହରରେ କିଛି ଜମି ମାଫିଆ ସକ୍ରିୟ ହୋଇଛନ୍ତି । ସରକାରୀ ଜମିକୁ ବ୍ୟକ୍ତିଗତ ଜମି ଦର୍ଶାଇ ମିଛ ଜମି ପଟ୍ଟା ଦେଖାଇ ଦୁଇ ଜଣକୁ ବିକ୍ରି କରିଛନ୍ତି । ଏ ନେଇ ଜାମଦା ଥାନା ଅନ୍ତର୍ଗତ ଭାଦୁସାହି ଗ୍ରାମର ଜମ୍ବିରା ବାସ୍କେ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସେ ଜମି ଠକେଇର ଶିକାର ନେଇ ମାମଲା ଦାଖଲ କରିଛନ୍ତି । ରାଇରଙ୍ଗପୁର ସହରରେ ଜମି କିଣିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଯାହାକୁ ନେଇ କଣ୍ଡାବଣି ଗ୍ରାମର ଆଶୋକ ମହାନ୍ତଙ୍କଠାରୁ ୨୦୨୨ରେ ଜମି କିଣିଥିଲେ । ସରକାରୀ ଜମିକୁ ନିଜର ଖତିୟାନ ଜମି ବୋଲି ମିଛ କହି ବିକ୍ରି କରିଥିଲେ । ଏ ବାବଦରେ ସେ ତାଙ୍କୁ ୭ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏହାପରେ ସରକାରୀ ଜମିରେ ତାଙ୍କୁ ଦଖଲ ମଧ୍ୟ ଦେଇଥିଲେ । କିନ୍ତୁ ରାଇରଙ୍ଗପୁର ତହସିଲ୍ ପକ୍ଷରୁ ଉକ୍ତ ସ୍ଥାନରେ ନିର୍ମାଣ ନିମନ୍ତେ ଜମି ବ୍ୟବହାର ହେବ । ତେଣୁ ଖାଲି କରିବାକୁ କହିଥିଲେ । ଏହାପରେ ଉକ୍ତ ଜମିଟି ସରକାରୀ ବୋଲି ଜାଣିବାକୁ ପାଇଥିଲେ । ଜମି ଠକେଇ ନେଇ ଅଶୋକ କୁମାର ମହାନ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି । ସରକାରୀ ଜମିକୁ ବ୍ୟକ୍ତିଗତ ଜମି ବୋଲି ମିଛ କହି ଠକିବା ଅଭିଯୋଗରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି । ରାଇରଙ୍ଗପୁର ଅଞ୍ଚଳରେ ଏହିପରି ଜମି ମାଫିଆ ମାତିଛନ୍ତି । ନିରୀହ ଲୋକେ ଏହିଭଳି ଠକେଇ ହେବାର ସମ୍ଭାବନା ରହିଛି । ଜମି କିଣିବା ପୂର୍ବରୁ ଖତିଆନ, ରେକର୍ଡ ଓ ସରକାରୀ ସ୍ଥିତି ଯାଞ୍ଚ କରିବା ଜରୁରୀ ଅଟେ ।

## ପାଣି ସମସ୍ୟା ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

କୁଆମରା,୨୬।୨(ସମିସ):ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ୯ ନମ୍ବର ୱାର୍ଡର ପାନୀୟଜଳ ସମସ୍ୟା ନେଇ ଆଜି ୱାର୍ଡର ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଫଳରେ ସକାଳ ୯ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଥିଲା । ଏହି ୱାର୍ଡର



୩୦ ରୁ ଅଧିକ ପରିବାର ରହିଛନ୍ତି । ପଞ୍ଚାୟତ ପକ୍ଷରୁ ଦୀର୍ଘ ଦିନ ଧରି ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ଏହି ୱାର୍ଡର ବାସିନ୍ଦା ଦୁଇ ମାସ ହେବ ପାନୀୟ ଜଳ ପାଇବା ରୁ ବଞ୍ଚିତ ହୋଇ ଆସୁଛନ୍ତି । ତେବେ ଏ ନେଇ ଲୋକେ ବିଡ଼ିଓ ଓ ସରପଞ୍ଚ କୁ ଜଣାଇଥିଲେ । ମାତ୍ର ଏ ଦିଗରେ ସମସ୍ୟାର କୌଣସି ସମାଧାନ ନହେବା ରୁ ଆଜି ପଞ୍ଚାୟତ ପଞ୍ଚାୟତ କାର୍ଯ୍ୟାଳୟ ରେ ତାଲା ପକାଇବା କୁ ନିଷ୍ପତ୍ତି ନେଇ ଆନ୍ଦୋଳନ କୁ ଓହ୍ଲେଇ ଥିଲେ । ଖବର ପାଇ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଓ ସରପଞ୍ଚ ଭୋଳାନାଥ ସିଂ ପହଞ୍ଚି ଲୋକ ମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକେ ଜିଦରେ ଅଟଳ ରହିଥିଲେ । ତେବେ ଦୁଇ ମଧ୍ୟରେ ସମସ୍ୟାର ସମାଧାନ ହୋଇ ଯିବ ବୋଲି ସରପଞ୍ଚ ଶ୍ରୀ ସିଂ ପ୍ରତିଶ୍ରୁତି ଦେବା ପରେ ତାଲା ଫିଟିଥିଲା । ପୁଣି ଯଦି ଦୁଇ ଦିନ ମଧ୍ୟରେ ପାଇପ ସଜଡା କାମ ନସରେ ତେବେ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆ ଯିବ ବୋଲି ଶ୍ରୀ ସିଂ ଆଶ୍ୱାସନା ଦେଇଛନ୍ତି ।

## ଆଜିଠୁ ଜିଲ୍ଲା ଠିକାଦାର ସଂଘର କାର୍ଯ୍ୟବନ୍ଦ

ବାରିପଦା, ୨୬।୨(ସମିସ): ଶୁକ୍ରବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ ସରକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ । ଜିଲ୍ଲା ସରକାରୀ ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ପାଇଁ ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ । ଗୁରୁବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ଠିକାଦାର ସଂଘର ନିଷ୍ପତ୍ତି ଅନୁସାରେ ସମସ୍ତେ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ ।“ଏହି ନିଷ୍ପତ୍ତିକୁ ଯେଉଁ ଠିକାଦାର ଅମାନ୍ୟ କରିବେ, ଜିଲ୍ଲା ସଂଘ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜିଲ୍ଲା ସଭାପତି ପରେଶ ଚନ୍ଦ୍ର ମହାନ୍ତ ଚେତାବନୀ ଦେଇଛନ୍ତି । ବୈଠକରେ ଶ୍ରୀ ମହାନ୍ତଙ୍କ ସହିତ ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ଉପସଭାପତି ସଞ୍ଜୟ କୁମାର ଅଗ୍ରୱାଲ, ସହ ସମ୍ପାଦକ କୁମୁଦ ଚନ୍ଦ୍ର ମିଶ୍ର, ଶୁଭେନ୍ଦୁ ସାହୁ, ସଜଳ ମୌଳିକ, ପ୍ରିୟବ୍ରତ ଦାସ, ନନ୍ଦୁଲାଲ ମିଶ୍ର, ସନ୍ଦୀପ ପତି, କପିଳ ଖଣ୍ଡେଲଓ୍ୱାଲଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### କରଞ୍ଜିଆ ଏନଏସିରେ ବିଲ୍‌କୁ ନେଇ ବିବାଦ

## ଅଧିକାରୀଙ୍କ ଦ୍ୱାରା ତଦନ୍ତ ଆରମ୍ଭ

କରଞ୍ଜିଆ, ୨୬।୨(ସମିସ): ଉପଜିଲ୍ଲାପାଳଙ୍କ ସରକାରୀ ବାସଗୃହ ମରାମତି ବିଲ୍‌କୁ ନେଇ କରଞ୍ଜିଆ ଏନଏସି କାର୍ଯ୍ୟାଳୟରେ ସୃଷ୍ଟି ହୋଇଥିବା ବିବାଦର ତଦନ୍ତ ଆରମ୍ଭ ହୋଇଛି । ଦୁଇପକ୍ଷର ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ଦୁଇଟି ମାମଲା ପରେ ଆଜି ସମ୍ପୃକ୍ତ ଦୁଇ ଜଣଙ୍କର ଅଧିକାରୀ ସ୍ତରରେ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି ।

ସୂଚନା ମୁତାବକ, ବିଲ୍ ପ୍ରଦାନକୁ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଚାପ, ଧମକ ଓ ଜାତିଆଣ ମନ୍ତବ୍ୟ ଅଭିଯୋଗ ଆଣାଯାଇଥିଲା । ଅନ୍ୟପକ୍ଷରେ ପାଲଟା ଅଭିଯୋଗରେ କାଉନସିଲରମାନେ କହିଥିଲେ ଯେ, ବିଲ୍ ସମ୍ପର୍କରେ ଅନୁରୋଧ କରିବା ସମୟରେ ସେମାନଙ୍କ ସହ ଦୁର୍ବ୍ୟବହାର ହୋଇଥିଲା ଓ ଜାତିଆଣ ମନ୍ତବ୍ୟ ଦିଆଯାଇଥିଲା । ଏହି ଦୁଇ ଅଭିଯୋଗ ଆଧାରରେ କରଞ୍ଜିଆ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଦୁଇପକ୍ଷର ମୁଖ୍ୟ ଅଭିଯୋଗକାରୀଙ୍କୁ ଡାକି ପଚରାଉଚରା କରାଯାଇଛି । ଏନଏସି କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି । ତଦନ୍ତକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ଭିଡିଓ ଫୁଟେଜ୍, ସାକ୍ଷୀଙ୍କ ବୟାନ ଓ ଲିଖିତ ଅଭିଯୋଗ ଆଧାରରେ ସତ୍ୟାସତ୍ୟ ଖୋଜାଯିବ । ଆବଶ୍ୟକ ପଡ଼ିଲେ ଅନ୍ୟ ଜଣଙ୍କୁ ମଧ୍ୟ ଡକାଯାଇପାରେ । ଆଇନୀ ପ୍ରକ୍ରିୟା ଅନୁଯାୟୀ, ତଦନ୍ତ ଶେଷ ପରେ ପୁଲିସ ଚାର୍ଜସିଟ୍ ଦାଖଲ କରିପାରେ କିମ୍ବା ପ୍ରମାଣ ନ ମିଳିଲେ ମାମଲା ବନ୍ଦ କରିବା ପାଇଁ ଅଦାଲତକୁ ଅବଗତ କରିପାରେ । ଯଦି ଜାତିଆଣ ମନ୍ତବ୍ୟ ସମ୍ପର୍କିତ ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ସମ୍ଭବ । ତେଣୁ ଏହି ଘଟଣାର ଅନ୍ତ ତଦନ୍ତର ଗତି ଓ ପ୍ରମାଣ ଉପରେ ନିର୍ଭର କରିବ ବୋଲି ଆଇନଜୀବୀ କହୁଛନ୍ତି ।

## ନବଗ୍ରହ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ବାରିପଦା, ୨୬।୨(ସମିସ): ସ୍ଥାନୀୟ ମଧୁବନସ୍ଥ ମା’ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ନବଗ୍ରହ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ନେଇ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୩୦୦ରୁ ଅଧିକ ମା’ ଓ ଭଉଣୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ବୁଢାବଳଙ୍ଗ ନଦୀର ଅସ୍ତିଆ ପୋଲ ଘାଟରୁ ଘଣ୍ଟ ଘଣ୍ଟା, ଶଙ୍ଖ, ମାଦଳ, ମୃଦଙ୍ଗ ଓ ବାଜା ମଧ୍ୟରେ ଏକ ବିଶାଳ ଶୋଭାଯାତ୍ରା ସହର



ପରିକ୍ରମା କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି ଘଟ ସ୍ଥାପନ କରିଥିଲେ । ଉକ୍ତ ଶୋଭାଯାତ୍ରାରେ ସ୍ଥାନୀୟ ଲୋକଙ୍କ ସମେତ ବାରିପଦା ସହରର ବିଭିନ୍ନ ସ୍ଥାନର ସହସ୍ରାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ଶୁକ୍ରବାରଠାରୁ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଙ୍କୁରାରୋପଣ, ପଞ୍ଚଗବ୍ୟ, ଶଯ୍ୟାଅଭିଷେକ, ଅଧିବାସ, କୁଣ୍ଡ ମଣ୍ଡଳ ପ୍ରସ୍ତୁତି, କଳସ ଶୋଭାଯାତ୍ରା, କୁଣ୍ଡ ସଂସ୍କାର, ଅଗ୍ନିଆଚ୍ଛାଦନ, ମନ୍ଦିର ପ୍ରତିଷ୍ଠା, ଦେବତା ପ୍ରତିଷ୍ଠା, ଧ୍ୱଜା, ପତାକା, ଚକ୍ରରୋପଣ, ଯଜ୍ଞକର୍ମ, ନବ ଯୌବନ ଦର୍ଶନ, ଶିବ ଶଙ୍କର ଅଭିଷେକ, ଗୌରୀବିଜ ଅଭିଷେକ, ନବଗ୍ରହଙ୍କ ବିଶେଷ ପୂଜା ଓ ଯଜ୍ଞ, ଶିଖରୀସ୍ନାନ, ଯୁପ ସ୍ଥାପନ, ମନ୍ଦିର ସମର୍ପଣ ଆଦି କାର୍ଯ୍ୟକ୍ରମ ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ । ମାର୍ଚ୍ଚ ୧ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ଉକ୍ତ ଦିନରେ ଜନସାଧାରଣ ନିଜ ସାଧ ମୁତାବକ ଘିଅ, ନଡ଼ିଆ ଓ ଅନ୍ୟାନ୍ୟ ଆହୁତି ସାମଗ୍ରୀ ସହ ବହୁ ସଂଖ୍ୟକ ଲୋକେ ଯଜ୍ଞ ମଣ୍ଡପରେ ଉପସ୍ଥିତ ରହି ପୂର୍ଣ୍ଣାହୁତି ଯୋଗ ଦେବାକୁ ନିବେଦନ କରାଯାଇଛି । ବହୁ ସଂଖ୍ୟକ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇ ନବଗ୍ରହଙ୍କ ଆଶିଷ ଲାଭ କରିବା ସହ ପ୍ରସାଦ ସେବନ କରିବା ନେଇ ମା ଭୈରବୀ, ବାବା ଭୈରବେଶ୍ୱର ଓ ନବଗ୍ରହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

## ଛୁଆ ଚୋର ସନ୍ଦେହରେ ମହିଳା ଥାନାରେ ଅଟକ

ଠାକୁରମୁଣ୍ଡା,୨୬।୨(ସମିସ): କରଞ୍ଜିଆ ଅଞ୍ଚଳରେ ଛୁଆ ଚୋର ଗୁଜବ ମଧ୍ୟରେ ଜଣେ ମହିଳାଙ୍କୁ ମହୁଲଡିହା ଥାନା ପୁଲିସ ଅଟକ ରଖିଛି । ସୋମବାର ଦିନ ସୁଦର୍ଶନପୁର ଗ୍ରାମର ସଲମା ହାଁସଦାଙ୍କ ଘରେ ମହିଳା ଜଣକ ରାତିରେ ରହିଥିଲେ । ପରଦିନ ସେ କେଉଁଠିକି ଚାଲିଯାଇଥିଲେ । ଗୁରୁବାର ସକାଳେ ସେ ତିନି ବର୍ଷର ଜଣେ ଛୁଆଙ୍କୁ ସହିତ ପୁନର୍ବାର ଆସିଥିଲେ । ସଲମା ଓ ଗ୍ରାମବାସୀ ଛୁଆଟି କାହାର ବୋଲି ପଚାରିଥିଲେ । ମହିଳା ଜଣକ ସ୍ପଷ୍ଟ ଉତ୍ତର ଦେଇ ପାରିନଥିଲେ । ଏହି ସମୟରେ ଅଞ୍ଚଳରେ ଛୁଆ ଚୋର ଗୁଜବ ଚାଲିଥିବାରୁ ଗ୍ରାମବାସୀ ତୁରନ୍ତ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ମହିଳା ଓ ଛୁଆକୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲେ । ଇତିମଧ୍ୟରେ ଚମ୍ପାଝର ଗ୍ରାମର ତ୍ରିନାଥ ହୋଙ୍କ ତିନି ବର୍ଷର ଝିଅ ସକାଳୁ ନିଖୋଜ ହୋଇଥିବା ସୂଚନା ମିଳିଥିଲା । ଖବର ପାଇ ସେ ଥାନାକୁ ପହଞ୍ଚି ଛୁଆକୁ ନିଜ ଝିଅ ସନ୍ଧ୍ୟାରାଣୀ ବୋଲି ଚିହ୍ନଟ କରିଥିଲେ । ତଦନ୍ତରେ ଜଣାପଡ଼ିଛି ଯେ ମହିଳା ଜଣକ ମଙ୍ଗଳବାର ରାତିରୁ ତ୍ରିନାଥ ହୋଙ୍କ ଘରେ ରହୁଥିଲେ ଓ ଆଜି ସକାଳେ ତିନି ବର୍ଷର ଝିଅକୁ ନେଇ ଚାଲିଯାଇଥିଲେ । ଅଟକ ମହିଳାଙ୍କ ପରିଚୟ କପ୍ତିପଦା ଥାନା ପେଟାସାଲ ଗ୍ରାମର ରାଜାରାମଙ୍କ ଝିଅ ଦୂଲାରୀ ହାଁସଦା (୩୮) ବୋଲି ଜଣାପଡ଼ିଛି ।

## ପିଲା ଚୋରି ଗୁଜବ; ଥାନାରେ ସଚେତନତା

ଶୁଳିଆପଦା,୨୬।୨(ସମିସ):ଜିଲ୍ଲାର ବିଭିନ୍ନ ସ୍ଥାନରେ ପିଲା ଚୋର ଗୁଜବ ସୃଷ୍ଟି ହେଉଛି । ଏହି ଗୁଜବ ପାଇଁ ବିଭିନ୍ନ ସ୍ଥାନରେ ନିରୀହ ଲୋକ ସ୍ଥାନୀୟ ବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇ ଲହୁଲୁହାଣ ହେବା ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି । ଏ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଶୁଳିଆପଦା ଥାନା ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ବୈଠକରେ ଶୁଳିଆପଦା ତହସିଲଦାର ନାରାନ୍ ହେମ୍ବ୍ରମ ଯୋଗଦେଇ ଗୁଜବଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପୁଲିସକୁ ଖବର ଦେବା ସହିତ ୧୧୨କୁ ଫୋନ୍ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ବ୍ଲକ୍ ଅଧୀନ ସମସ୍ତ ସରପଞ୍ଚ ଓ ଥାନା କର୍ମଚାରୀ ଉପସ୍ଥିତ ଥିଲେ ।

## ପୃଥକ ଦୁର୍ଘଟଣା; ଚାରି ଗୁରୁତର

ତେଲକୋଇ/ଆନନ୍ଦପୁର, ୨୬।୨(ସମିସ): ତେଲକୋଇ ବିମଳା ପୂର୍ତ୍ତ ବିଭାଗ ରାସ୍ତାର ଦୁର୍ଲଭପୁର ଗ୍ରାମ ନିକଟରେ ପିକଅପ୍ ଭ୍ୟାନ ପଛରୁ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତରଦ୍ୱୟ ହେଲେ କୁଣ୍ଡେଇହଡା ଗ୍ରାମର ପ୍ରତାପ ଦେହୁରୀ(୪୦) ଓ ଚରଣ ସାହୁ (୪୫) । ଉଭୟ ଏକ ବାଇକ୍ ଯୋଗେ ତେଲକୋଇରୁ କୁଣ୍ଡେଇହଡା ଯାଉଥିବା ବେଳେ ଭ୍ୟାନ ଧକ୍କା ଦେଇ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ଉଭୟଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଅନ୍ୟ ଏକ ଦୁର୍ଘଟଣାରେ ୨୦ ନମ୍ବର ଜାତୀୟ ରାଜପଥର ବାମ୍ଫିଡି ଛକରେ ବଲେରୋ-ବାଇକ ଧକ୍କାରେ ଆନନ୍ଦପୁରର ବଳିଆ ଜେନା ଓ ସମୀର ମୁଖି ଗୁରୁତର ଆହତ ହୋଇଛନ୍ତି । ଆନନ୍ଦପୁର ଡାକ୍ତରଖାନାରେ ଉଭୟଙ୍କୁ ଚିକିତ୍ସା କରାଯାଉଥିବା ବେଳେ ସମୀରଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦବେଗଜନକ ରହିଛି ।

## ଯବାନଙ୍କ ଅକାଳ ବିୟୋଗ

ରାସଗୋବିନ୍ଦପୁର,୨୬।୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଖୁଣ୍ଟାପାଳ ପଞ୍ଚାୟତର ଲାଟିଡିହି (ବଇଦା ସାହି) ଗ୍ରାମର ବାସିନ୍ଦା ବିଶୁନ ସୋରେନଙ୍କ ପୁତ୍ର ଲକ୍ଷ୍ମଣ ସରେନ୍ (୩୯) ଚେନ୍ନାଇ ଏୟାରପୋର୍ଟରେ ସିଆଇଏସଏଫର ‘ବ’ କମ୍ପାନୀରେ ହେଡ୍ କନେଷ୍ଟବଳ (ଜିଡି) ଭାବେ କାର୍ଯ୍ୟରତ ଥିବାବେଳେ ୨୪ ତାରିଖ ସନ୍ଧ୍ୟାରେ ହଠାତ୍ ହୃଦଘାତରେ ମୃତ୍ୟୁବରଣ କରିଥିଲେ । ହଠାତ୍ ଅସୁସ୍ଥ ହୋଇ ପଡ଼ିବା ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦେଶସେବାରେ ନିୟୋଜିତ ଥିବା ଏହି ଯବାନଙ୍କ ଅକାଳ ବିୟୋଗରେ ସହକର୍ମୀ ଓ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ପରେ ସିଆଇଏସଏଫ ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ ସମ୍ମାନ ସହିତ ସଲାମି ଓ ଗାର୍ଡ ଅଫ୍ ଅନର ଦିଆଯାଇ ଏୟାରଲିଫ୍ଟ ମାଧ୍ୟମରେ ଦମଦମ୍ ଏୟାରପୋର୍ଟକୁ ଆଣାଯାଇଥିଲା । ସେଠାରୁ ସଡକ ପଥରେ ତାଙ୍କ ଜନ୍ମମାଟି ଲାଟିଡିହି ଗ୍ରାମକୁ ପାର୍ଥିବ ଶରୀର ନିଆଯାଇଥିଲା । ଝିଙ୍କିରିଆ ଛକଠାରୁ ଗ୍ରାମବାସୀଙ୍କ ଦ୍ୱାରା ଏକ ଶୋକାକୁଳ ପରିବେଶ ମଧ୍ୟରେ ଶୋଭାଯାତ୍ରା କରି ତାଙ୍କ ପାର୍ଥିବ ଶରୀରକୁ ଘରକୁ ଆଣାଯାଇଥିଲା । ସେଠାରେ ତାଙ୍କର ଶେଷକୃତ୍ୟ କରାଯାଇଛି ।

### ଅଦିନିଆ ବର୍ଷାରେ ଧାନ ଭିଜିବା ଘଟଣା

# ଝରାଡ଼ିହି ଲ୍ୟାମ୍ପ୍‌ସରେ ଯାଞ୍ଚ କଲେ ଅଧିକାରୀ

ରାଇରଙ୍ଗପୁର,୨୬।୨(ସମିସ):

‘ସକାଳ’ ପ୍ରଭାବ

ଝରାଡ଼ିହି ଲ୍ୟାମ୍ପରେ ଅବ୍ୟବସ୍ଥା ଯୋଗୁଁ ଅଦିନିଆ ବର୍ଷାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଭିଜିଛି । ଏ ନେଇ ‘ସକାଳ’ ଖବରକାଗଜରେ ଖବର ପ୍ରସାରଣ ପରେ ଜିଲ୍ଲାସ୍ତରୀୟ ଅଧିକାରୀ ଲ୍ୟାମ୍ପ ପରିଦର୍ଶନ କରିଛନ୍ତି । ଘଟଣା ନେଇ ଅଧିକାରୀ ଯାଞ୍ଚ କରିଛନ୍ତି । ଝରାଡ଼ିହି ଲ୍ୟାମ୍ପ ପରିସରରେ ତିନି ଦିନ ଧରି ଧାନ ବସ୍ତା ଗୁଡ଼ିକ ପଡି ରହିଥିବାରୁ ଦୁଇ ଦୁଇ ଥର ବର୍ଷାରେ ଭିଜିଛି । ତାହାକୁ ଜରି ପାଳ ଦେଇ ଆବଧ ନକରିବାରୁ ତଦନ୍ତକାରୀ ଦଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ମଣ୍ଡିରେ ଧାନ ବିକ୍ରି ସମୟରେ ଚାଷୀ ଏବଂ ଧାନକୁ ସୁରକ୍ଷିତ ରଖିବା ପାଇଁ ଜରି ପାଳ କିମ୍ବା ତମ୍ବୁ ପ୍ରଦାନ ହୋଇଛି । ତାହାକୁ ଲ୍ୟାମ୍ପ ବ୍ୟବହାର ନକରିବାରୁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି । ମିଲର ଠିକ ଭାବେ ଗାଡି ପଠାଇ ଧାନ ସଂଗ୍ରହ ନକରିବାରୁ ଧାନ ଉଠିନପାରି ଏହିପରି ପରିସ୍ଥିତି ସୃଷ୍ଟି ହେଉଛି । ଯାହାକୁ ନେଇ ତଦନ୍ତକାରୀ ଦଳର ଅଧିକାରୀ ମାନେ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି । ଆଗକୁ ତ୍ରୁଟି ସୁଧାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀ ମାନଙ୍କ ଠାରୁ ସଂଗୃହିତ ବସ୍ତା ବସ୍ତା ଧାନ ଲ୍ୟାମ୍ପ ବାହାରେ ପଡି ରହିଥିବା ବେଳେ ଅଦିନିଆ ବର୍ଷାରେ ତାହା ଭିଜିଛି । କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଭିଜିବାରୁ ଚାଷୀ ମାନେ ଚିନ୍ତାରେ ପଡିଛନ୍ତି । ପୂର୍ବରୁ ମଣ୍ଡିରେ ଚାଷୀ ମାନେ କଟ୍‌ନି ଛଟ୍‌ନିକୁ ନେଇ ଚିନ୍ତାରେ ପଡିଛନ୍ତି । ତାହା ପରେ ଅଦିନିଆ ବର୍ଷା ଚିନ୍ତା ଉପରେ ଆହୁରି ଚିନ୍ତା ଆଣି ଦେଇଛି । ଖୋଲା ଆକାଶ ତଳେ ଧାନ ବସ୍ତା ଥିବା ବେଳେ କଷ୍ଟ ଉପାର୍ଜିତ ଧାନ ସବୁ ବର୍ଷାରେ ଭିଜି ଯାଇଛି । ଯାହାକୁ ନେଇ ଚାଷୀମାନେ କ୍ଷୋଭ କରିଛନ୍ତି । ଏନେଇ ଖବର ପ୍ରକାଶ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

